**ଝଞ୍ଜାବତୀ ୱାର୍କର୍ସ କ୍ଲବ ପକ୍ଷରୁ ସହାୟତା**

ରାୟଗଡ଼ା,(ସ୍ୱ.ପ୍ର.)ଝଞ୍ଜାବତୀ ମହିଳା ୱାର୍କର୍ସ କ୍ଲବ ପକ୍ଷରୁ ସ୍ଥାନୀୟ ରୟତ କଲୋନୀ ସ୍ଥିତ ନବଜୀବନ ଟ୍ରଷ୍ଟର ୩୦ଜଣ ଅନାଥ ବାଳିକାଙ୍କୁ ଖାତା, ପେନ୍ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅରୁଣା ବେହେରା, ଆଇପିପି ଅନୁସୟା ମାଝି, ରୁକିଣୀ କୁଣ୍ଡୁ, ଉପସଭାପତି ସୁଜାତା ପାଲ ଓ ସନ୍ତୋଷୀ ସେନାପତି, ସମ୍ପାଦିକା ରଶ୍ମିତା ପଣ୍ଡା, କୋଷାଧକ୍ଷ ନମିତା ପାଢ଼ୀଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନିଶାସକ୍ତ ଚାଳକଙ୍କୁ ଜରିମାନା, ସଚେତନ କରୁଛି ପୋଲିସ



ଟିକିରି,୯।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଦିନକୁ ଦିନ ଦୁର୍ଘଟଣା ବଢ଼ୁଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଏହାର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଦୁର୍ଘଟଣାକୁ ରୋକିବା ପାଇଁ ଟିକିରି ଥାନା ଅଧିକାରୀ ବିଜୟଲକ୍ଷ୍ମୀ ହିକ୍କାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ରାତିରେ ଚାଳକଙ୍କୁ ଅଟକାଇ ନିଶା ଯାଞ୍ଚ କରାଯାଉଛି। ଯେଉଁ ଚାଳକ ନିଶାସକ୍ତ ଅବସ୍ଥାରେ ଥିବା ଜଣାପଡୁଛି, ସେମାନଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନ କରାଯିବା ସହ ୧୦୦ ପ୍ରତିଶତ ନିଶାରେ ଥିବା ଜଣାପଡ଼ିଲେ ସେମାନଙ୍କ ନାଁରେ ଚାଲାଣ କାଟି ଜରିମାନା କରାଯାଉଛି। ଏହା ବ୍ୟତୀତ ଲୋକଙ୍କୁ ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସଚେତନ କରାଯାଉଛି।

### ଅବସରପ୍ରାପ୍ତ କିରାଣିଙ୍କ ଘରୁ ଚୋରି

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.), ୯।୨- ରାୟଗଡ଼ା ସହର ଚୋର ଏବଂ ଲୁଟେରାଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପ୍ରତ୍ୟେକ ଦିନ ଏକାଧିକ ସ୍ଥାନରୁ ଚୋରି ଏବଂ ଲୁଟ୍ ଖବର ଆସୁଛି। ଦୁର୍ବୃତ୍ତ ପୁଣି ଜଣେ ବ୍ୟକ୍ତିଙ୍କ ଘରେ କଳାକନା ବୁଲାଇଛନ୍ତି। ସ୍ଥାନୀୟ ରିଂ ରୋଡ୍ ୩ୟ ଲାଇନ ନିବାସୀ ତଥା କୃଷି ବିଭାଗର ଅବସରପ୍ରାପ୍ତ କିରାଣୀ ବି. ବଙ୍ଗାରିଆଙ୍କ ଘରୁ ବଡ଼ଧରଣର ଚୋରି ହୋଇଛି। ପରିବାର ଲୋକେ ଗତ ସୋମବାର ତିରୁପତି ବୁଲିବାକୁ ବାହାରିଥିଲେ। ମଙ୍ଗଳବାର ରାତିରେ ପହଞ୍ଚି ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶିଥିବାବେଳେ ଆଲମିରା ଭାଙ୍ଗି ପ୍ରାୟ ୨ କେଜି ରୂପା, ୫ଗ୍ରାମ ସୁନା, ୧୦ହଜାର ଟଙ୍କା ସହ ପିତ୍ତଳ, କଂସା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୀର୍ଘ ୨୦ ବର୍ଷ ହେଲା ଏହି ଘରେ ରହି ଆସୁଥିଲେ ମଧ୍ୟ ଏଭଳି ଚୋରି ହୋଇ ନ ଥିଲା। ଏବେ ଲଗାତାର ସହରରେ ଚୋରି ଡକାୟତି ବଢୁଛି ବୋଲି ବଙ୍ଗାରିଆ କହିଛନ୍ତି। ମଙ୍ଗଳବାର ରାତିରେ ଚୋରି ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବଙ୍ଗାରିଆ ଙ୍କ ବୋହୁ ବି. ପ୍ରତିମା ଦାବି କରିଛନ୍ତି।

### ଟ୍ରକ୍‌କୁ ଧକ୍କାଦେଲା ବାଇକ୍, ଜଣେ ମୃତ

ବିଷମକଟକ,୯।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ କିରିବିରି ଛକ ନିକଟରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଷମକଟକ ବ୍ଲକ ହଜାରିଡାଙ୍ଗ ପଞ୍ଚାୟତ ଲେଲିବାଡ଼ି ଗ୍ରାମର ଜୟସେନ ବାର୍ଲିକା। ଜୟସେନ ବାଇକ୍ ଯୋଗେ ଲେଲିବାଡ଼ିରୁ ବିଷମକଟକ ଫେରିବା ସମୟରେ ବିଷମକଟକରୁ କୁମାରଡାମୁଣି ଯାଉଥିବା ଟ୍ରକ୍(ଓଡି ୧୭ ଟି ୩୩୮୫) ସହ ଧକ୍କା ହୋଇଥିଲା। ବାଇକ୍ ଆରୋହୀ ଦ୍ରୁତଗତିରେ ଯାଉଥିବାରୁ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିଲା। ଜୟସେନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବିଷମକଟକ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

### ଜଳୁନି ଷ୍ଟ୍ରିଟ୍‌ଲାଇଟ, ବଢୁଛି ଅସାମାଜିକ କାର୍ଯ୍ୟକଳାପ



ମୁନିଗୁଡ଼ା,୯।୨(ଡି.ଏନ୍.ଏ.)- ମୁନିଗୁଡ଼ାର ବିଭିନ୍ନ ସାହି, ଗଳି ଅନ୍ଧାର। ବିଜୁଳି ଖୁଣ୍ଟିରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ହେଲେ ମୁନିଗୁଡ଼ା ମୁଖ୍ୟରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାବେଳେ ଅନେକ ଅଞ୍ଚଳରେ ବଲ୍‌ବ ଗୁଡ଼ିକ ଜଳୁନି। ଏହାର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଛି। ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ବଲ୍‌ବ ଗୁଡ଼ିକୁ ବଦଳାଇ ନୂଆ ଲଗାଇଲେ ଜନସାଧାରଣ ସୁରକ୍ଷିତ ରହିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ବର୍ଷାଜଳ ସଂରକ୍ଷଣ ପାଇଁ ଟଙ୍କା ଆସୁଛି, କାମ ହେଉନି

ରାୟଗଡ଼ା,୯।୨(ସ୍ୱ.ପ୍ର.)



**ରାୟଗଡ଼ାରେ ହ୍ରାସ ପାଉଛି ଭୂତଳ ଜଳ**

ରାୟଗଡ଼ା ଜିଲାରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ରାସ୍ତା ଓ ନର୍ଦ୍ଦମାରେ ପ୍ରବାହିତ ହୋଇ ନଷ୍ଟ ହେଉଥିବା ବର୍ଷାଜଳକୁ ଛାତ ଉପରେ ସଂରକ୍ଷଣ କରାଯାଇ ପାରିଲେ ଆଗାମୀ ଦିନରେ ଜିଲାରେ ଜଳ ସଙ୍କଟ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଏଥିପାଇଁ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ଅଧିକାରୀମାନେ ଏଭଳି ଏକ ଗମ୍ଭୀର ବିଷୟକୁ ଗୁରୁତର ସହ ନେଇ ଜଳ ସଂରକ୍ଷଣ ଦିଗରେ କାମ କରୁ ନ ଥିବା ଜଣାପଡ଼ିଛି। କରୋନା ସମୟରେ ରୁଫ୍‌ଟପ୍‌ରେ ବର୍ଷା ଜଳ ସଂରକ୍ଷଣ ପାଇଁ ପ୍ରାୟ ୨ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ହୋଇ ନ ଥିବା ଜଣାପଡ଼ିଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ବ୍ୟତୀତ ଜିଲା ପରିଷଦ କାର୍ଯ୍ୟାଳୟ, ସର୍କିଟ ହାଉସ, ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଜିଲା ନିୟୋଜନ କାର୍ଯ୍ୟାଳୟ, ପୌର ପରିଷଦ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ ୨୦୨୦ରେ ହାତକୁ ନିଆଯାଇଥିଲା। ୪ଟି କାର୍ଯ୍ୟାଳୟରେ ୨ଲକ୍ଷ ୫୦ ହଜାର ଓ ୩ ଟି କାର୍ଯ୍ୟାଳୟରେ ୨ ଲକ୍ଷ ଲେଖାଏ ଖର୍ଚ୍ଚ ଆକଳନ ପରେ ତାହାର ଅନୁଦାନ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମୋଟ ୧୬ ଲକ୍ଷ ଟଙ୍କା ଆସିଥିଲା। ହେଲେ ୭ ସରକାରୀ କୋଠା ମଧ୍ୟରୁ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଏହି ପ୍ରକଳ୍ପ ନିର୍ମାଣ ହୋଇନାହିଁ। ଏମିତିକି ଅନ୍ୟ ସରକାରୀ କୋଠା ଗୁଡ଼ିକୁ ମଧ୍ୟ ଏବେ ଯୋଜନାରେ ସାମିଲ କରିବାକୁ ଯୋଜନା ଚାଲିଛି। ତେବେ ମହତ୍ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ସଫଳ କିପରି ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ରାୟଗଡ଼ା ବିଭାଜନ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନାହାଁନ୍ତି। ମୁଖ୍ୟ ଭୂତତ୍ତ୍ୱବିତ୍ ୩ ଜିଲା ଦାୟିତ୍ୱରେ ରହିଛନ୍ତି। ସେହିଭଳି ଏବେକାର ଯନ୍ତ୍ରୀ ୪ଟି ଜିଲା ଓ ଅନ୍ୟ କର୍ମଚାରୀମାନେ ୨ଜିଲା ଦାୟିତ୍ୱରେ ରହିଛନ୍ତି। ତେଣୁ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି। ବିଭାଗୀୟ କାର୍ଯ୍ୟାଳୟରେ ଥିବା କର୍ମଚାରୀଙ୍କୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ମୋବାଇଲ ନମ୍ବର ମାଗିବାରୁ ସେ ଦେବାକୁ ମନା କରି ଦେଇଥିଲେ। ତେଣୁ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ କାମ କିପରି ଚାଲିଛି ତାହାର ତଦନ୍ତ କରି ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ଜନସାଧାରଣ ଏବଂ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏଥିସହ ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହେଉଛି।

# ଜଳର ଅପଚୟ ନ କରି ସଦୁପଯୋଗକୁ ଗୁରୁତ୍ୱ

ରାୟଗଡ଼ା ଅଫିସ,୯।୨

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ**

କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ଦିବସ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା କାର୍ଯ୍ୟାଳୟ ବୈଠକ ଗୃହରେ ବୁଧବାର ପାଳିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶାନ୍ତନୁ କୁମାର ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ କରିବା ସହ ଏବେ ଜିଲାରେ ଭୂତଳ ମାଧ୍ୟମରେ ନଦୀ ନାଳରୁ ଜଳସେଚନ କରିବା ପାଇଁ ଜିଲାରେ ୭ଟି ସ୍ଥାନରେ କାର୍ଯ୍ୟ ଚାଲିଛି। ଶୀଘ୍ର ଚାଷୀଙ୍କୁ ଏହି ଜଳଯୋଗାଣ କରାଯିବ ବୋଲି କହିଛନ୍ତି।

ଜିଲାରେ ମୋଟ ୯୪ଟି ପାଣି ପଞ୍ଚାୟତ ରହିଥିବା ବେଳେ ୮୭ଟି କାର୍ଯ୍ୟକ୍ଷମ ରହିଛି। ଜଳର ସୁବିନିଯୋଗ କରିବା ସହ ଜଳ ଅପଚୟ କରିବା ନାହିଁ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ରୂପେ ଜିଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ ଯୋଗଦେଇ ଜଳ ସଂରକ୍ଷଣ, ଜଳର ବ୍ୟବହାର, ଜଳ ଅପଚୟ ନ କରିବା ପାଇଁ ପାଣି ପଞ୍ଚାୟତର ସମସ୍ତ ସଦସ୍ୟଙ୍କୁ ବୁଝାଇଥିଲେ। ଅଳ୍ପ ପାଣିରେ ଅଧିକ ଜମିରେ କିପରି ଚାଷ ହୋଇ ପାରିବ ସେ ନେଇ ଭୂତଳ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା ରାଜ୍ୟର କେବଳ ୫ ଜିଲାରେ କାର୍ଯ୍ୟକାରୀ କରାଯାଉଛି। ତାହା ମଧ୍ୟରେ ରାୟଗଡ଼ା ଅନ୍ୟତମ ବୋଲି କୁହାଯାଇଛି। ଜିଲାରେ ୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ଖରିଫ ଅମଳରେ ସହାୟତା କରିବ। କେନାଲ ମାଧ୍ୟମରେ ଯେଉଁ ଜଳ ଯୋଗାଣ ହେଉଥିଲା ତାହା ନ ହୋଇ ଚାଷଜମିର ୪ଫୁଟ ଗଭୀର ମଧ୍ୟରେ ପାଇପ୍ ଦିଆଯାଇ ପ୍ରତି ଚେକ୍‌ଡ୍ୟାମ ମାଧ୍ୟମରେ ସଂଯୋଗ କରାଯିବ। ଯେଉଁ ସ୍ଥାନରେ ଜଳ ଉପରକୁ ଉଠିବ ନାହିଁ ସେଠାରେ ଉଠା ଜଳସେଚନ ପରି ମୋଟର ସଂଯୋଗ କରାଯିବ। ଜିଲାର କରଞ୍ଜା ନାଳ, ଗଇଗୁଡା, ପୂଜାରୀଗୁଡା, ଭାତପୁର, ରେଲିକୁପା, ବୈରାଗୀ ହଲୁଆ ଏବଂ ଢେପାଗୁଡାରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ବିଭିନ୍ନ ବିଦ୍ୟାଳୟରେ କୁଇଜ, ଚିତ୍ରାଙ୍କନ, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଉପସ୍ଥିତ ରହି ଭୂତଳ ମାଧ୍ୟମରେ ଜମିକୁ ଜଳସେଚନ ଦ୍ୱାରା ଚାଷୀ ଉପକୃତ ହେବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ କହିବା ସୁଯୋଗ ଦିଆଯିବା ସହ ତାଙ୍କ ସମସ୍ୟା ଉପସ୍ଥାପନ କଲେ ଜିଲାର ଉନ୍ନତି ହେବ ବୋଲି ମଧ୍ୟ ସେ କହିଥିଲେ। କାର୍ଯ୍ୟକ୍ରମରେ ଜଳ ବିଭାଜିକା ନିର୍ଦ୍ଦେଶକ ଦୟାନିଧି ବାଗ ଉପସ୍ଥିତ ଥିଲେ। ଜିଲାମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡା. ହାଡିବନ୍ଧୁ ଭୋଇ, ଉଠା ଜଳସେଚନ ବିଭାଗର ବିନୋଦ ଚନ୍ଦ୍ର ଦାଶ, କୃଷି ବୈଜ୍ଞାନିକ ରାଜୀବ ଟୁଡୁ ଯୋଗ ଦେଇଥିଲେ। ବିଭିନ୍ନ ପାଣି ପଞ୍ଚାୟତ ପ୍ରତିନିଧିମାନେ ଜଳଯୋଗାଣ ଏବଂ ଉତ୍ପାଦନ ଉପରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ସମାଧାନ ନିମନ୍ତେ ଅଧିକାରୀ ମାନଙ୍କୁ ସୂଚିତ କରାଯାଇଥିଲା। ବିଭିନ୍ନ ଷ୍ଟଲ ମାଧ୍ୟମରେ ଚାଷୀଙ୍କୁ ସଚେତନତା ଲିଫ୍‌ଲେଟ ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

# ରାୟଗଡ଼ା ଜିଲାରେ ଆଜିଠୁ ଫାଇଲେରିଆ ନିରାକରଣ ଅଭିଯାନ

ଗୁଣପୁର,୯।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଶୁକ୍ରବାରଠାରୁ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହେବ। ଜିଲାର ଗୁଣପୁର ଗ୍ରାମାଞ୍ଚଳ, ଗୁଡ଼ାରୀ ଏନ୍‌ଏସି, ବିଷମକଟକ ଏବଂ ଜେମାଦେଇପେଣ୍ଟ ଆଦି ସ୍ଥାନରେ ଅଭିଯାନ ଆରମ୍ଭ ହେବ ବୋଲି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନିରେ ସୂଚନା ଦିଆଯାଇଛି। ଏହି ଅଞ୍ଚଳ ଗୁଡ଼ିକରେ ହୋଇଥିବା ରକ୍ତ ନମୁନା ସର୍ଭେ ମୁତାବକ ଏକ ପ୍ରତିଶତରୁ ଅଧିକ ଲକ୍ଷଣ ଥିବା ଜିବାଣୁ ଥିବା ରୋଗୀ ଚିହ୍ନଟ ହୋଇଥିଲେ। ଏହାକୁ ଆଧାର କରି ଫାଇଲେରିଆ ନିରାକରଣ ଅଭିଯାନ ଉପୋରକ୍ତ ଅଞ୍ଚଳ ଗୁଡ଼ିକରେ ଆରମ୍ଭ କରାଯିବ। ସେହି ଅଞ୍ଚଳରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିବେ। ସେହି ଅଞ୍ଚଳରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ୧୦ରୁ ୧୯ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେଶ କୁମାର ସାହୁ, ମେଡିକାଲ ଅଫିସର ଡା. ସତ୍ୟବ୍ରତ ମହାପାତ୍ର ଏବଂ ବିପିଏମ୍ ଚକ୍ରଧର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି। ମଶା ଏବଂ ଜିବାଣୁ ଦ୍ୱାରା ଫାଇଲେରିଆ ହୋଇଥାଏ। ଏହାର ପ୍ରତିଶେଧକ ବ୍ୟବସ୍ଥା ସ୍ୱରୁପ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଔଷଧ ସେବନ ଦ୍ୱାରା କୌଣସି ପାର୍ଶ୍ୱ ବଡ଼ ପ୍ରତିକ୍ରିୟା ନାହିଁ। ସାମାନ୍ୟ ଜ୍ୱର, ବାନ୍ତି କିମ୍ବା ମୁଣ୍ଡବ୍ୟଥା ହୋଇପାରେ। ତେଣୁ ପ୍ରତିଶେଷକ ବ୍ୟବସ୍ଥା ସ୍ୱରୁପ ଔଷଷ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରାଯାଇଛି।

### ବିବାହିତା ନାବାଳିକାଙ୍କୁ ପରିବାର ଲୋକଙ୍କୁ ପାଖକୁ ପଠାଇବ ପ୍ରଶାସନ

ରାଇଘର, ୯।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁରାବେଡା ପଞ୍ଚାୟତର ଏକ ଗ୍ରାମରେ ଏକ ବାଲ୍ୟ ବିବାହ ହୋଇଥିବା ଖବରପାଇ ରାଇଘର ସିଡ଼ିପିଓ ଗୀତାଞ୍ଜଳି ମିଶ୍ର, ସୁପରଭାଇଜର, ରାଇଘର ମହିଳା ପୋଲିସ, ଗ୍ରାମ ସଭାପତି ଘଟଣାସ୍ଥଳରେ ପହଞ୍ଚି ଥିଲେ। ବିବାହିତା ନାବାଳିକାଙ୍କ ଘର ଛତିଶଗଡ଼ରେ ବୋଲି ଜଣାପଡିଛି। ନାବାଳିକାଙ୍କୁ ଘରକୁ ନେବାକୁ ତାଙ୍କ ପରିବାର ଲୋକଙ୍କୁ ଫୋନ୍ ଯୋଗେ କୁହାଯାଇଥିଲା। ଶୁକ୍ରବାର ସେଠାରେ ପହଞ୍ଚି ନାବାଳିକାଙ୍କୁ ନେଇଯିବେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଗ୍ରାମର ସଭାପତି ନିଜ ଦାୟିତ୍ୱରେ ନାବାଳିକାଙ୍କୁ ଗୁରୁବାର ରଖିବେ ବୋଲି ଜଣାପଡିଛି।

### ୩୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୯।୨(ସ୍ୱ.ପ୍ର.)

ରାୟଗଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ ଚାଲିଛି । ଗୁରୁବାର ସନ୍ଧ୍ୟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଏସ୍‌ଆଇ ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ଟିମ୍ ୩୦.୨କେଜି ଗଞ୍ଜେଇ ଜବତ କରିଛି । ସୂଚନା ଅନୁଯାୟୀ, ଗଜପତି ଜିଲାର ଅକ୍ଷୟ ବୀର ଦୁଇଟି ବସ୍ତାରେ କିଛି ଜିନିଷ ନେଇ ଷ୍ଟେଶନ ଦିଗକୁ ଯାଉଥିଲେ। ଏହି ସମୟରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ତାଙ୍କ ବ୍ୟାଗ ଯାଞ୍ଚ କରିବା ସମୟରେ ସେଥିରୁ ଗଞ୍ଜେଇ ବାହାରିଥିଲା। ଫଳରେ ଉକ୍ତ ଗଞ୍ଜେଇ ଜବତ ସହ ଅକ୍ଷୟଙ୍କୁ ଗିରଫ କରାଯାଇଛି। ଏହି ଧରପଗଡ଼ ସମୟରେ ରେଳବାଇ ପୋଲିସ ସହଯୋଗ କରିଥିଲେ। ଏ ନେଇ ଅବକାରୀ ବିଭାଗ ୩୮/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ରହସ୍ୟ ଘେରରେ ଚିନାରିଗୁଡ଼ା ହତ୍ୟାକାଣ୍ଡ

ଗୁଣପୁର,୯।୨(ଡି.ଏନ.ଏ.)

■ ପଣ୍ଡା ଶବରଙ୍କ ଦେହରେ ନାହିଁ ଆଘାତ

■ ମୃତ୍ୟୁର କାରଣକୁ ନେଇ ପୋଲିସର ତନାଘନା



ପଣ୍ଡା ଶବର

ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତ ଚିନାରିଗୁଡ଼ା ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ବୁଧବାର ସନ୍ଧ୍ୟାରେ ଗାଁରେ ପଣ୍ଡା ଶବରଙ୍କ ମୃତଦେହ ଘର ନିକଟସ୍ଥ ବିଲରୁ ଠାବ ହୋଇଥିଲା। ଗୁରୁବାର ରାୟଗଡ଼ାରୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲେ ମଧ୍ୟ ମୃତଦେହରେ କୌଣସି ଆଘାତ ନ ଥିବାରୁ ପୋଲିସ ସନ୍ଦେହରେ ପଡ଼ିଛି। ହତ୍ୟା କିପରି କରାଯାଇଛି ସେ ବିଷୟରେ ଅଧିକ ଜାଣିବା ପାଇଁ ପଣ୍ଡା ଶବରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଯାଇଛି। ଅନ୍ୟପକ୍ଷରେ ଘରଠାରୁ ମାତ୍ର ୫୦ ମିଟର ଦୂର ବିଲରେ ମୃତଦେହ ପଡିଥିଲେ ମଧ୍ୟ ପରିବାର ଲୋକେ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ଆଇଆଇସି ନିଳାମ୍ବର ଜାନି କହିଛନ୍ତି।

ଘଟଣାରୁ ଜଣାଯାଏ, ପଣ୍ଡା ଶବର (୫୬)ଙ୍କ ଦିନ ତମାମ ଦେଖା ନ ମିଳିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଶେଷରେ ବୁଧବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଠାବ ହୋଇଥିଲା। ଘଟଣା ବିଷୟରେ ପରିବାର ଲୋକେ ଗୁଣପୁର ଥାନାକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ଜମିଜମା ବିବାଦକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପଣ୍ଡା ଶବରଙ୍କ ପୁଅ କୁମୁଟି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ପଣ୍ଡା ଶବରଙ୍କ ଦୁଇଟି ସ୍ତ୍ରୀ ଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ନାମରେ ଦୁଇ ଏକର ଜମି ରହିଥିଲା। ସେହି ଦୁଇ ଏକର ଜମିକୁ ସମତୁଲ କରି ବିକ୍ରୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାକୁ ପ୍ରଥମ ସ୍ତ୍ରୀଙ୍କ ଭାଇମାନେ ବିରୋଧ କରିଥିଲେ। ଭଉଣୀ ନାମରେ ଥିବା ଜମିକୁ ବିକ୍ରିକଲେ ହତ୍ୟା କରିଦେବୁ ବୋଲି ଧମକ ଦେଉଥିଲେ। ସେମାନେ ହିଁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିବା ପରେ ପୋଲିସ ଅଭିଯୋଗକାରୀଙ୍କ ଦୁଇ ମାମୁଁଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ସେମାନଙ୍କ ଜମିକୁ ସେମାନେ କ'ଣ କଲେ ଆମେ କାହିଁକି ବିରୋଧ କରିବୁ ବୋଲି କୁମିଟିଙ୍କ ମାମୁଁମାନେ କହିଥିବା ଆଇଆଇସି ପ୍ରକାଶ କରିଛନ୍ତି। ତେଣୁ ପଣ୍ଡା ଶବରଙ୍କ ମୃତ୍ୟୁ ଘଟଣା ରହସ୍ୟମୟ ହୋଇପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ରେଳ ଭିତ୍ତିଭୂମିର ବିକାଶକୁ କେନ୍ଦ୍ର ଗୁରୁତ୍ୱ ଦେଇଛି: ଭାଜପା




ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଶିବ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୯।୨

ଚଳିତ ବଜେଟରେ ଓଡ଼ିଶା ଯେତିକି ଅନୁଦାନ ମାଗିଥିଲା, ତାହାଠାରୁ ଅଧିକା କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଛି। ଏହା ଐତିହାସିକ ବଜେଟ। ସମସ୍ତ ବର୍ଗର ଲୋକେ ଏଥିରୁ ଉପକୃତ ହେବେ ବୋଲି ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ଗୁରୁବାର ନ୍ୟୁ କଲୋନୀ ସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ଜନାଭିମୁଖୀ ଏବଂ ରାଜ୍ୟର ବିକାଶରେ ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବଜେଟରେ ରେଳ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୮,୪୦୦ କୋଟି ଟଙ୍କା ଦାବି କରିଥିଲେ। କେନ୍ଦ୍ର ସରକାର ୧୦,୦୧୨ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ଆଗକୁ ମଧ୍ୟ ସହଯୋଗ କରିବେ ବୋଲି ଶିବ ଏଠାରେ କହିଛନ୍ତି।

କେନ୍ଦ୍ର ସରକାର ବଜେଟରେ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ରେଳ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ଯୋଜନାରେ କୃଷିର ବିକାଶ ପାଇଁ ବାର୍ଷିକ ୬ ହଜାର ଟଙ୍କା ୩ଟି କିସ୍ତିରେ ପ୍ରଦାନ କରୁଛନ୍ତି। ଏଥିରେ ଦେଶର ୧୧.୪ କୋଟି କୃଷକ ଉପକୃତ ହୋଇପାରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ କିଶୋର ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ।

### ଆରଡିସିରୁ ଫେରିଥିବା ଅର୍ପିତାଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୯।୨

ଦିଲ୍ଲୀର ସାଧାରଣତନ୍ତ୍ର ଦିବସ କ୍ୟାମ୍ପ (ଆରଡ଼ିସି)ରେ ଯୋଗ ଦେଇଥିବା ମହିଳା ମହା ବିଦ୍ୟାଳୟର କଳାବିଭାଗର ଯୁକ୍ତ୨ ଛାତ୍ରୀ ଅର୍ପିତା ପାଢ଼ୀ ରାୟଗଡା ଫେରିଛନ୍ତି।ସେ ଗତ ମାସ ୨୮ରେ ଦିଲ୍ଲୀ କରିୟାପ୍ପା ଗ୍ରାଉଣ୍ଡରେ ହୋଇଥିବା ,କ ଶୋଭାଯତ୍ରାରେ ଯୋଗଦେଇ ପରେଡ ପ୍ରଦର୍ଶନ କରିଥିଲେ। ସେ ଫେରିବା ପରେ ଗୁରୁବାର ମହିଳା ମହାବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଏପରି




ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ କ୍ୟାପଟେନ ରିତାରାଣୀ ମିଶ୍ର ଏବଂ ପରିବାର ଲୋକଙ୍କ ଉତ୍ସାହକୁ ଶ୍ରେୟ ଦେଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅଧ୍ୟାପିକାମାନେ ତାଙ୍କୁ ସମ୍ବର୍ଦ୍ଧିତ କରି ଖୁସି ହୋଇଥିବା ପ୍ରକାଶ କରିଛନ୍ତି। ଅର୍ପିତାଙ୍କ ସହ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର କେଶବ ବାଗ ମଧ୍ୟ ଯାଇଥିଲେ ବୋଲି ସେ କହିଛନ୍ତି।

# ଆଜିଠୁ ଦିଆଯିବ ଫାଇଲେରିଆ ନିରାକରଣ ବଟିକା

ଗୁଡ଼ାରୀ,୯।୨(ଡି.ଏନ୍.ଏ.)

ଫାଇଲେରିଆ ନିରାକରଣ ସକାଶେ ଗୁଡ଼ାରୀ ସହରର ଜନସାଧାରଣଙ୍କୁ ଡିଇସି ବଟିକା ଦିଆଯିବ। ଏଥିସହ କୃମି ନିରାକରଣ ପାଇଁ ମଧ୍ୟ ବଟିକା ପ୍ରଦାନ କରାଯିବ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୈଠକ ଗୃହରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଡା. ଅରୂପାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଖବରଦାତା ସମ୍ମିଳନୀ ହୋଇଥିଲା। ଦୁଇ ବର୍ଷରୁ କମ୍ ବୟସ, ଗର୍ଭବତୀ ମହିଳା ଓ ଅତ୍ୟଧିକ ଦେହ ଖରାପ ଥିବା ଲୋକଙ୍କୁ ଏହି ବଟିକା ଦିଆଯିବ ନାହିଁ। ଏହି ଫାଇଲେରିଆ ନିରାକରଣ ଅଭିଯାନ ୧୯ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପୂର୍ବରୁ ଏକ ଟିମ୍ ଗଠନ କରାଯାଇଛି। ବୈଠକରେ ନିହାର ରଣସିଂ, ରାଜେଶ ବାବୁ, ରଶ୍ମିତା ମହାଙ୍କୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡାକ୍ତର ସୂଚନା ଦେଉଛନ୍ତି ।

# ଜଣେ ଅଧିକାରୀଙ୍କୁ ୩ ଦାୟିତ୍ୱ, କାର୍ଯ୍ୟ ସମ୍ପାଦନା ନେଇ ଉଠିଲା ପ୍ରଶ୍ନ

ଗୁଣପୁର,୯।୨(ଡି.ଏନ୍.ଏ.)

**ରାମନାଗୁଡ଼ା ବିଡିଓଙ୍କୁ ଗୁଣପୁର ଏବିଡିଓ ଦାୟିତ୍ୱ**



ବିଦାୟୀ ବିଡିଓ ନୂତନ ବିଡିଓଙ୍କୁ ସ୍ୱାଗତ କରୁଛନ୍ତି।

ରାୟଗଡ଼ା ଜିଲା ରାମନାଗୁଡ଼ା ବିଡିଓଙ୍କୁ ଗୁଣପୁର ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଆଇଟିଡିଏ ପିଏ ରୂପେ ବଦଳି କରାଯିବା ପରେ ରାମନାଗୁଡ଼ା ବିଡିଓ ପ୍ରଭାତି ଝୋଡ଼ିଆଙ୍କୁ ଗୁଣପୁର ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଡିଓ ଝୋଡ଼ିଆ ପୂର୍ବରୁ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ଜଣେ ଅଧିକାରୀଙ୍କୁ ତିନି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ପ୍ରଦାନ କରାଯିବା ପରେ ଠିକ୍‌ରେ କାର୍ଯ୍ୟ ସମ୍ପାଦନା ନେଇ ପ୍ରଶ୍ନ ଉଠିଛି। ଗୁଣପୁର ଭଳି ସମ୍ବେଦନଶୀଳ ସ୍ଥାନରେ ଜଣେ ଅଧିକାରୀଙ୍କୁ କାହିଁକି ରାମନାଗୁଡ଼ା ସହ ଗୁଣପୁରର ଦାୟିତ୍ୱ ପ୍ରଦାନ କରାଗଲା ତାହାକୁ ନେଇ ରାଜନିତି ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଗୁଣପୁର ବ୍ଲକରେ ବିଡିଓ ଏବଂ ଅଧକ୍ଷାଙ୍କ ମଧ୍ୟରେ ବହୁ ବାଦ ବିବାଦ ପରେ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ବଦଳି କରାଯାଇଥିଲା। ତାଙ୍କୁ ଗୁଣପୁର ଆଇଟିଡିଏ ପିଏ ଦାୟିତ୍ୱ ଦିଆଯାଇଛି। ବାରକୋଟ ତହସିଲଦାରଙ୍କୁ ଗୁଣପୁର ବିଡିଓ ଭାବେ ବଦଳି ହୋଇଥିବା ବେଳେ ସେ ଏବେସୁଦ୍ଧା କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ଏପରି ଘଟଣା କ୍ରମ ମଧ୍ୟରେ ମଙ୍ଗଳବାର ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓଙ୍କୁ ରିଲିଭ୍ କରାଯିବା ସହ ରାମନାଗୁଡ଼ା ବିଡିଓଙ୍କୁ ଗୁଣପୁର ବ୍ଲକର ଅତିରିକ୍ତ ବିଡିଓ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ହୋଇଥିଲା। ଏହିକ୍ରମରେ ଉଭୟେ ନିଜ ନିଜର ଦାୟିତ୍ୱ ବୁଧବାର ଗ୍ରହଣ କରିଛନ୍ତି। ବିଡିଓ ଶାନ୍ତିପ୍ରଭା ପ୍ରଧାନ ବଦଳି ହୋଇ ଯିବା ପରେ ବିଡିଓ ଏବଂ ଅଧକ୍ଷାଙ୍କ ମଧ୍ୟରେ ରହିଥିବା ବିବାଦ ଥମୁଛି ନାଁ ଆଗକୁ ଆଉ କ'ଣ ରୂପ ନେଉଛି ତାହା ଦେଖିବାକୁ ରହିଲା। ଅନ୍ୟପଟେ ଏବେ ଦାୟିତ୍ୱ ନେଇଥିବା ବିଡିଓ ଝୋଡ଼ିଆ ଏବଂ ବ୍ଲକ ଅଧକ୍ଷାଙ୍କ ମଧ୍ୟରେ ସମନ୍ୱୟ ରହିବ ନାଁ ନାହିଁ ତାହାକୁ ନେଇ ମଧ୍ୟ ଜନସାଧାରଣଙ୍କ ଅପେକ୍ଷା। ୩ଟି ଦାୟିତ୍ୱ ନେବା ପରେ ପ୍ରଭାତି ଝୋଡ଼ିଆ ଅଧକ୍ଷା ମାନଙ୍କ ସହ ତାଳମେଳ ରଖି ନିଜ ଗୁରୁ ଦାୟିତ୍ୱ କିପରି ତୁଲାଇବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ରାମନାଗୁଡ଼ା ବିଡିଓ ପୌର ପରିଷଦର ଅଧକ୍ଷା ଦାୟିତ୍ୱ ନେବା ପରେ ପୌର ପରିଷଦର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ଉଠିଥିବାବେଳେ ପୁଣି ନୂତନ ଦାୟିତ୍ୱ ନେବା ପରେ ନିଜର କାର୍ଯ୍ୟ କିପରି କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି।

## ସଂକ୍ଷେପରେ

### ମରଣଯନ୍ତା ପାଲଟିଛି ଝୁନୁଲିବାହାଲଠାରୁ ଗଡ଼ିଆଳି ରାସ୍ତା



ମାଥିଲି,୯।୨ (ଡି.ଏନ.ଏ.) - ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିମ୍ନମାନର ରାସ୍ତା କାର୍ଯ୍ୟ କରି ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରମାନେ ଅର୍ଥ ହଡପ କରୁଥିବା ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ମାଲକାନଗିରି ଜିଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଝୁନୁଲିବାହାଲଠାରୁ ଗଡ଼ିଆଳି ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତା ୧.୫ କୋଟି ଟଙ୍କା ବ୍ୟୟ ଅଟକଳ ୨୦୧୯-୨୦ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଥିଲା। ଏବେ ଏହି ରାସ୍ତା ମରଣ ଯନ୍ତା ପାଲଟିଛି। ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକା ସଲାସୁତରାରେ ଏପରି ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ଧୁଙ୍ଗିଆପୁଟ ଓ କୁଡୁମୁଲିପାଲି ଦୁଇଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ରାସ୍ତା ଅବସ୍ଥା ଯୋଗୁ ରୋଗୀ ସେବା ଯୋଗାଉ ଥିବା ଆମ୍ବୁଲାନ୍ସ ମଧ ଯିବା କଷ୍ଟକର ହୋଇପଡିଛି। ତଦନ୍ତ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶିଶୁ ସୁରକ୍ଷା ନେଇ ଆଇନ ସଚେତନତା ଶିବିର

ଜୟପୁର,୯।୨ (ନି.ପ୍ର.)- ଜିଲା ଆଇନ ସେବାପ୍ରାଧିକରଣ ଜୟପୁର ପକ୍ଷରୁ ଗୁରୁବାର ଟାଙ୍କୁଆ ପଞ୍ଚାୟତର କୁସୁମପୁଟ ଗ୍ରାମରେ ଶିଶୁସୁରକ୍ଷା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପ୍ରାଧିକରଣ ସଚିବ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ସମ୍ମାନିତ ଅତିଥି ରୂପେ କେ.ଦିବାକର ରାଓ, ଜେ.ସତ୍ୟନାରାୟଣ ଆଚାରୀ ଟାଙ୍କୁଆ ସରପଞ୍ଚ ରୁକ୍ମଣୀ ଗାଦବା ଏବଂ କୁସୁମପୁଟ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ଧାରା ୧୫(୩) ଅନୁଯାୟୀ ସ୍ୱତନ୍ତ୍ର ଆଇନ ପ୍ରଣୟନର ନିର୍ଦ୍ଦେଶ ରହିଛି। ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସୁରକ୍ଷାଓ ଯତ୍ନ ପ୍ରତ୍ୟେକ ଲୋକଙ୍କ କର୍ତ୍ତବ୍ୟ। ଶିଶୁମାନଙ୍କ ସୁରକ୍ଷା ଅଧିକାରକୁ ସୁରକ୍ଷା ଦେବାକୁ ୨୦୧୨ରେ ଭାରତ ସରକାର ପୋକ୍ସୋ ଆଇନ ପ୍ରଣୟନ କରିଥିଲେ। ଶିଶୁମାନଙ୍କ ନିରୀହତାର ସୁଯୋଗ ନେଇ କେତେକ କ୍ଷେତ୍ରରେ ସେମାନଙ୍କୁ ଯୌନ ଶୋଷଣ କରାଯାଉଛି। ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା ଅପରାଧର ତ୍ୱରିତ ବିଚାରକରି ଅପରାଧୀଙ୍କ କଠୋର ଦଣ୍ଡରେ ଦଣ୍ଡିତ କରି ଶିଶୁମାନଙ୍କୁ ନ୍ୟାୟପ୍ରଦାନ କରିବା ହେଉଛି ଏହି ଆଇନର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପାରାଲିଗାଲ ସ୍ୱେଚ୍ଛାସେବୀ ରାଜପୁଲକ ମହାନ୍ତି ଶିବିର ଆୟୋଜନ ଦାୟିତ୍ୱ ନେଇଥିଲେ।

### ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୋରାପୁଟ ଜିଲାର କୃତିତ୍ୱ

କୋରାପୁଟ,୯।୨(ସ୍ୱ.ପ୍ର.)- ପାରାଦୀପଠାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୋରାପୁଟ ଶିକ୍ଷା ଜିଲାକୁ ଚାମ୍ପିୟନ ପଦକ ମିଳିଛି। ଜିଲାର ୧୭ ଜଣ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଥିବାରୁ ଜିଲାରେ ଆନନ୍ଦ ଖେଳିଯାଇଛି। ଗତ ଫେବୃଆରୀ ୪ରୁ ୮ ତାରିଖ ଯାଏ ପରାଦୀପଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ କୋରାପୁଟ ଜିଲା ୯ ଜଣ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୪ ଜଣଙ୍କୁ ଦ୍ୱିତୀୟ ଓ ୪ ଜଣ ତୃତୀୟ ସ୍ଥାନ ଅଧିକାର କରି ଜିଲାପାଇଁ ଗୌରବ ଆଣିଛନ୍ତି। ଏହି ରାଜ୍ୟସ୍ତରୀୟ ସ୍କୁଲ କ୍ରୀଡା ପ୍ରତିଯୋଗିତାରେ ଜିଲାରୁ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିରୁ ୧୭ ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଗୁରୁବାର କୋରାପୁଟ ଷ୍ଟେସନଠାରେ କୋରାପୁଟ ଟିମ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ନିଜେ ଷ୍ଟେସନଠାରେ ପ୍ରତିଯୋଗୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଟିମ ମ୍ୟାନେଜର ପ୍ରକାଶ ବେହେରା, କୋଚ ପି. ରାଜେଶ୍ୱରୀ ଏହି ଟିମକୁ ନେଇ ପାରାଦୀପ ଯାତ୍ରା କରିଥିଲେ। ଷ୍ଟେସନଠାରେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିଶିର ପାତ୍ର, କ୍ରୀଡା ଶିକ୍ଷକ ଗୁପ୍ତେଶ୍ୱର ସାହୁ, ରମେଶ ଖୋସଲା, ଦୁର୍ଗା ମାଧବ ବେହେରା, ଲଲାଟେନ୍ଦୁ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରୀଙ୍କ ଅବହେଳା, ଭୁଶୁଡୁଛି ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥା

ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତକରି କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଅବହେଳାରୁ କେତେକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅଧିକାରୀମାନେ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ନେଇ ପଦକ୍ଷେପ ନେଉ ନ ଥିବାରୁ ଶିକ୍ଷାଦାନରେ ବିଭିନ୍ନ ସମସ୍ୟା ଉପୁଜୁଛି। ଏପରି ଦେଖିବାକୁ ମିଳିଛି ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟ କ୍ଷେତ୍ରରେ। ବ୍ଲକର ବଦଲିଗୁଡା ବିଦ୍ୟାଳୟରେ ୫୫ ଛାତ୍ରୀଛାତ୍ର ପାଇଁ ଜଣେ ମାତ୍ର ଶିକ୍ଷକ ରହିଥିବା ବେଳେ ବିଟୁଗୁଡ଼ା ବିଦ୍ୟାଳୟରେ ୧୯ ଛାତ୍ରୀଛାତ୍ରଙ୍କ ପାଇଁ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି । ସେହିପରି ହଳଦୀଗୁଡ଼ା ବିଦ୍ୟାଳୟରେ ୩ ଜଣ ଛାତୀଛାତ୍ରଙ୍କ ପାଇଁ ୨ଜଣ ଅଛନ୍ତି। ଏପରିକି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ଗୋପବନ୍ଧୁପଲ୍ଲୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୨୨ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଏଠାରେ ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଏପରି ଅବ୍ୟବସ୍ଥା ବ୍ଲକର ଅଧିକାଂଶ ବିଦ୍ୟାଳୟରେ ରହିଥିଲେ ମଧ ଏସବୁ ସମସ୍ୟାର ସମାଧାନ ଲାଗି ଅଧିକାରୀମାନେ ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଅଭିଯୋଗ କରିଛନ୍ତି। ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଅଧିକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଥାନ୍ତି ସେଠାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନରେ ପଠାଇବା ବ୍ୟବସ୍ଥା ଥିଲେ ମଧ ବ୍ଲକ କିମ୍ବା ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏନେଇ ସଦର ପଞ୍ଚାୟତ ସରପଞ୍ଚ ଆଲମେ ଫୁଲ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଟି.ମିନତିଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ସେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିବେ।




# ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା କରିବା ଦାବି

ଦଶମନ୍ତପୁର,୯।୨ (ଡି.ଏନ.ଏ.)

ଗଣଶିକ୍ଷା ବିଭାଗ ପକ୍ଷରୁ ଯେଉଁ ଗ୍ରାମରେ ଶିକ୍ଷା ଅଧ୍ୟୟନ ଲାଗି ୧୨ରୁ ଉର୍ଦ୍ଧ୍ୱ ପିଲା ଥିବେ ସେହି ଗ୍ରାମରେ ଏକ ବିଦ୍ୟାଳୟ ଖୋଲିବା ବ୍ୟବସ୍ଥା କରାଯିବ ବୋଲି ନିର୍ଦ୍ଦେଶନାମା ରହିଛି। ତେବେ ଦଶମନ୍ତପୁର ବ୍ଲକର କୋଲାଟି ଗ୍ରାମରେ ଏହି ସଂଖ୍ୟା ପୂରଣ କରୁଥିଲେ ମଧ ବିଭାଗ ବିଦ୍ୟାଳୟ ପ୍ରତିଷ୍ଠା କରିବା ନାଁ ଧରୁନାହିଁ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତରେ ଥିବା ଏହି ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ପିଲା ରହିଥିଲେ ମଧ ଗ୍ରାମରେ ବିଦ୍ୟାଳୟଟିଏ ନାହିଁ। କିଛି ପିଲା ନିକଟସ୍ଥ ଗ୍ରାମର ବିଦ୍ୟାଳୟକୁ ଯାଇ ୫ମ ଯାଏ ପଢ଼ି ଘରେ ବସିଛନ୍ତି। ଆମ ପିଲାଙ୍କୁ ଶିକ୍ଷିତ କରିବାକୁ ଇଚ୍ଛା ରହିଥିଲେ ସୁଦ୍ଧା ଅନ୍ୟତ୍ର ବିଦ୍ୟାଳୟକୁ ଯାଇ ଶିକ୍ଷା ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ପୂର୍ବରୁ ପିଲାମାନେ ଗ୍ରାମଠାରୁ ୩ କି.ମି. ଦୂର ଆମ୍ବପଦର ବିଦ୍ୟାଳୟକୁ ଜଙ୍ଗଲିଆ ରାସ୍ତା ଦେଇ ସପ୍ତାହକୁ ୨/୩ ଦିନ ପଢିବାକୁ ଯାଉଥିଲେ। ପିଲାମାନେ ବହୁ କଷ୍ଟରେ ବିଦ୍ୟାଳୟ ଯିବା ଆସିବା କରିବାରୁ ଆମେ ବାଧ ହୋଇ ସେମାନଙ୍କୁ ଆଉ ବିଦ୍ୟାଳୟକୁ ଛାଡୁନାହୁଁ ବୋଲି କହନ୍ତି ଗ୍ରାମର ପଦୁ ଜାନି, ମାନସିଂହ ଜାନି, ବଦି ମୁଦଲି। ପ୍ରଶାସନ ଆମ ଗ୍ରାମର ପିଲାଙ୍କ ଶିକ୍ଷା ଲାଗି ଗ୍ରାମରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରୁଥିବା ଗ୍ରାମବାସୀ।

# ରାଜଧାନୀରେ ଚମକ ଦେଖାଇଲେ କୋରାପୁଟ ଜିଲାର ୨ କରାଟେକା

**ସେମିଲିଗୁଡ଼ାର ସଚିନ, କୋରାପୁଟର ସୁମନଙ୍କୁ ସ୍ୱର୍ଣ୍ଣପଦକ**

ସେମିଲିଗୁଡ଼ା/ସୁନାବେଡ଼ା, ୯।୨ (ସ୍ୱ.ପ୍ର.)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ୩୪ ତମ ରାଜ୍ୟ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ୨୫୦ ପ୍ରତିଯୋଗୀ ସାମିଲ ହୋଇଥିଲେ। ସେମିଲିଗୁଡ଼ା ଉତ୍କଳ କରାଟେ ସ୍କୁଲର କରାଟେକା ସଚିନ ବିଶ୍ୱକର୍ମା ୨୧ ବର୍ଷରୁ କମ୍ ବର୍ଗରେ କୁମିତେ ଫାଇଟିଂରେ ସ୍ୱର୍ଣ୍ଣପଦକ ଏବଂ ସିନିୟର ପୁରୁଷ କାଟାଗୋରିରେ ରୌପ୍ୟ ପଦକ ପାଇଛନ୍ତି। ସେମିଲିଗୁଡ଼ାକୁ ଏହି ୨ ପଦକ ମିଳିଛି। ସଚିନଙ୍କ ଏହି କୃତିତ୍ୱ ପାଇଁ ରାଜ୍ୟ ଉତ୍କଳ କରାଟେ ସ୍କୁଲ ସଭାପତି ସେନସେଇ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ଼.ଗୌରୀ ମହାନ୍ତି, କୋରାପୁଟ ଜିଲା କରାଟେ ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ରଥ, ସେମିଲିଗୁଡା କରାଟେ ସ୍କୁଲ ସଭାପତି ମନୋଜ ପଟ୍ଟନାୟକ ଓ ସେମିଲିଗୁଡ଼ା କୋଚ ସେନସେଇ ରାଜେନ୍ଦ୍ର ସାମଲ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି କୋରାପୁଟର ସୁମନ ଷଡଙ୍ଗୀ ୨୧ ବର୍ଷରୁ କମ୍ ମହିଳା ବର୍ଗରେ ଅଂଶଗ୍ରହଣ କରି ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫଳରେ କୋରାପୁଟ ଜିଲା ୨ଟି ସ୍ୱର୍ଣ୍ଣପଦକ ହାତେଇଛି।



ପଦକ ଜିତିଥିବା କରାଟେକା।

## 'କୃଷି ବିନା ମାନବ ସମାଜ ତିଷ୍ଠିବା ଅସମ୍ଭବ'

କୋରାପୁଟ, ୯।୨(ସ୍ୱ.ପ୍ର.)

କୃଷି ବିନା ମାନବ ସମାଜ ତିଷ୍ଠିବା ଅସମ୍ଭବ ଏବଂ କୃଷକମାନେ ହେଉଛନ୍ତି ଦେଶର ଜୀବନଦାତା ବୋଲି କୋରାପୁଟ ଜିଲା ଜୟପୁରଠାରେ ଆୟୋଜିତ ଦକ୍ଷିଣାଞ୍ଚଳ କୃଷି ମହୋତ୍ସବର ତୃତୀୟ ଦିବସରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ହେମନ୍ତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ମହୋତ୍ସବର ତୃତୀୟ ଦିବସକୁ ପଣ୍ଡା ଉଦ୍‌ଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ କୃଷି ଓ କୃଷକର ଆବଶ୍ୟକତା ଉପରେ ବିସ୍ତୃତ ମତ ରଖିଥିଲେ । ତେଣୁ କୃଷି ଓ କୃଷକର ଉନ୍ନତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାମାନ ପ୍ରଣୟନ କରାଯାଇଥିବାବେଳେ ଅତ୍ୟାଧୁନିକ ଯନ୍ତ୍ରପାତି, ଉନ୍ନତ କିସମ ବିହନ ଯୋଗାଇ ଫସଲ ଉତ୍ପାଦନ ବୃଦ୍ଧି କରାଯାଇପାରିଛି । ସେହିପରି ମୋ ପୋଖରୀ ଯୋଜନା ସମେତ ବିଭିନ୍ନ ଜଳ ବିଭାଜିକା ପ୍ରକଳ୍ପମାନ କରାଯାଇ ଟାଙ୍ଗରା ଭୂମିରେ ଜଳସେଚିତ କରି ବିଭିନ୍ନ ମିଶ୍ରିତ କୃଷି କରାଯାଉଥିବା ସେ କହିଥିଲେ । କୃଷକମାନେ ନିଜ ଜମିକୁ ପଡିଆ ନ ପକାଇ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେଇ ଚାଷ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱରାଜ ରଥ, ଜିଲା ଜଳବିଭାଜିକା ନିର୍ଦ୍ଦେଶକ ଅରୁଣ ଦାସ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ଜିଲା କେତେକ ଅଗ୍ରଣି ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆତ୍ମରକ୍ଷା କୌଶଳ ଦେଖାଇଲା ଅଗ୍ନିଶମ ବାହିନୀ



ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି ।

ଜୟପୁର,୯।୨ (ନି.ପ୍ର.)

ଅଗ୍ନିଶମ ବାହିନୀ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସମୟରେ ସିଡିପିଓ ସୁଚିତା ପଣ୍ଡାଙ୍କ ସମେତ ୩୩୭ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଉପସ୍ଥିତ ଥିଲେ। ନିଆଁ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ ଅଗ୍ନିଶମ କର୍ମଚାରୀମାନେ ପ୍ରଦର୍ଶନ କରିଥିଲେ। କୌଣସି ସ୍ଥାନରେ ହଠାତ୍ ଅଗ୍ନିକାଣ୍ଡ ଘଟିଲେ ପ୍ରଥମେ କିଭଳି ନିଆଁକୁ ଆୟତ୍ତ କରାଯାଇପାରିବ, ରୋଷେଇଘରେ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ କିପରି ନିଜକୁ ସୁରକ୍ଷିତ ରଖିବ, ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେଲେ କବାଟ ଝରକା ଖୋଲିଦେବା, ରୋଷେଇ କରୁଥିବା ସମୟରେ ରନ୍ଧାଯାଉଥିବା ବାସନରେ ନିଆଁ ଲାଗିଲେ କିପରି ନିଆଁକୁ ନିୟନ୍ତ୍ରଣ କରିବା, ରୋଷେଇ ସମୟରେ ସବୁବେଳେ କଟନ ଶାଢ଼ି ପିନ୍ଧିବା, ରୋଷେଇଘରେ ସବୁବେଳେ ବାଲି, ପାଣି, କମ୍ବଳ ଭଳି ଜିନିଷ ରଖିବା ନେଇ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା।

# ସେରପାଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି,୯।୨(ଡି.ଏନ୍.ଏ.)

ମାଲକାନଗିରି ବ୍ଲକ ସେରପାଲ୍ଲି ସଦର ପଞ୍ଚାୟତସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ମାନସ ଜେନା ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ବ୍ଲକ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ଧର, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଅନୁରୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ରାୟ, ସିଆରସିସି ଅମୃତଲାଲ ସରକାର ଉପସ୍ଥିତ ଥିଲେ। ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ। ଛାତ୍ରୀଛାତ୍ରମାନେ ଶିକ୍ଷା ସହ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଏହା ହେଲେ ସେମାନଙ୍କ ପରିସୀମା ବୃଦ୍ଧି ପାଇବ ବୋଲି ପ୍ରକା କରିଥିଲେ। ପ୍ରଧାନ ଶିକ୍ଷକ ନନି ଗୋପାଳ ଦାସ ବିବରଣୀ ପାଠ କରଥିଲେ। ପରେ ପୂର୍ବରୁ ହୋଇଥିବ ବିଭିନ୍ନ କ୍ରୀଡାରେ କୃତିତ୍ୱର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶତାଧିକ ଗ୍ରାମବାସୀଙ୍କ ସହ ଅଭିଭାବକମାନେ ଉପସ୍ଥିତ ଥିଲେ।



ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଜିଲାର ୫ ଲକ୍ଷ ୩୬ ହଜାର ପିଲାଙ୍କୁ ବାତଜ୍ୱର ଔଷଧ

କୋରାପୁଟ,୯।୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ। ଏଥିରେ ଜିଲାର ମୋଟ ୫ ଲକ୍ଷ ୩୬ ହଜାର ପିଲାଙ୍କୁ ବାତଜ୍ୱର ନିରାକରଣ ନେଇ ଔଷଧ ପ୍ରଦାନ ଲକ୍ଷ୍ୟ ରଖାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ ଗୁରୁବାର ସୂଚନା ଦେଇଛନ୍ତି। ଏହି ଔଷଧ ଜିଲାର ୨୭ଶହ ବିଦ୍ୟାଳୟ ଓ ୩୨୦୦ ଅଙ୍ଗନୱାଡି କେନ୍ଦ୍ରରେ ପ୍ରଦାନ କରାଯିବ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏଥିପାଇଁ ସେବା ପ୍ରଦାନକାରୀଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।

# ମାଲକାନଗିରି ଜିଲାର ୨ ଛାତ୍ର ପୁରସ୍କୃତ

**ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା**

ମାଲକାନଗିରି,୯।୨ (ଡି.ଏନ.ଏ.)

ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମାଲକାନଗିରି ଜିଲାର ୨ଜଣ କ୍ରୀଡା ପ୍ରତିଭା ପୁରସ୍କୃତ ହୋଇଛନ୍ତି। ଗତ ୪ରୁ ୮ ପର୍ଯ୍ୟନ୍ତ ଜଗତସିଂପୁର ଜିଲା ପାରାଦୀପ ପୋର୍ଟ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏଥିରେ ମାଲକାନଗିରି ଜିଲାର ୧୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରଥିଲେ। ସେଥିରୁ ଦୁଇଜଣ ପୁରସ୍କୃତ ହୋଇଛନ୍ତି। ପୁରସ୍କୃତ ହୋଇଥିବା ଦୁଇଜଣଙ୍କ ମଧ୍ୟରୁ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ମାସେ ଖରା ଡିସକସ୍ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଗୋପାଲ ପାମିଆ ଡିସକସ୍ ଥ୍ରୋରେ ଦ୍ୱିତୀୟ ସ୍ଥାନ ଓ ପଟିଙ୍ଗ ଦି ଶଟ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ପାଇଁ ଟିମ୍ ମ୍ୟାନେଜର ଭାବେ କେଶବ ଚନ୍ଦ୍ର ପ୍ରଧାନ, ଗରିବ ବେହେରା, ସମାପିକା ମହାନ୍ତି ଛାତ୍ରୀଛାତ୍ରଙ୍କ ସହ ଯାଇଥିଲେ।



# ଭାଉଚର ଗ୍ରହଣରେ ହଇରାଣ କରୁଛନ୍ତି ଯନ୍ତ୍ରୀ

ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବା ପଞ୍ଚାୟତ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ କ୍ରୟକରି ବ୍ୟବହୃତ ହେଉଥିବା ସାମଗ୍ରୀର ଭାଉଚର କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ଲୋକେ ସମସ୍ୟାର ସମ୍ମୁଖୀନ ହେଉିଛନ୍ତି। ଏପରି ସମସ୍ୟା ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ କ୍ଷେତ୍ରରେ।

ଅମ୍ବାବାଲି ଓ ତଳଗୋଲୁର ପଞ୍ଚାୟତରେ ପଞ୍ଚାୟତ ବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହୃତ ହୋଇଥିବା ସାମଗ୍ରୀର ଜିଏସ୍‌ଟି ଭାଉଚର ଆଣିବାକୁ ସମ୍ପୃକ୍ତ ଯନ୍ତ୍ରୀ କହୁଛନ୍ତି। ମାତ୍ର ଜିଏସ୍‌ଟି ଭାଉଚର ନେଇ ଦେଲେ ମାଁ ଗାଙ୍ଗେଶ୍ୱରୀ ହାର୍ଡୱାର ଦୋକାନର ଭାଉଚର ଚଳିବ ନାହିଁ କହି ଯନ୍ତ୍ରୀ ଫେରାଇ ଦେଉଥିବା ତଳଗୋଲୁର ପଞ୍ଚାୟତର ଠିକାଦାରମାନେ ଅଭିଯୋଗ କରିଛନ୍ତି । ଏ ନେଇ ଯନ୍ତ୍ରୀମାନଙ୍କୁ ପଚାରିବାରୁ ନିର୍ଦ୍ଦିଷ୍ଟ ଭାବେ ଏହି ଦୋକାନର ଭାଉଚର ଗ୍ରହଣ ନ କରିବାକୁ ଆମକୁ ବିଡିଓ ମନା କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଠିକାଦାରମାନେ ଉକ୍ତ ଦୋକାନ ବଦଳରେ ଅନ୍ୟ ଦୋକାନରୁ ଜିଏସ୍‌ଟି ଭାଉଚର ଆଣିବାକୁ ଗଲେ ସେମାନଙ୍କୁ ଆଉଥରେ ଜିଏସ୍‌ଟି ବାବଦରେ ଟଙ୍କା ଦେବାକୁ ପଡୁଛି। ୨ଥର ଟଙ୍କା ଦେବାକୁ କଷ୍ଟକର ହେଉଛି ବୋଲି ପ୍ରକାଶ କରିଛନ୍ତି। ଫଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଥିବା ପ୍ରକାଶ କରିଛନ୍ତି । ଏନେଇ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କୁ ପଚାରିବାରୁ ମୁଁ କୌଣସି ଯନ୍ତ୍ରୀଙ୍କୁ ଉନ୍ନୟନମୂଳକ କାର୍ଯ୍ୟରେ ଲାଗିଥିବା ସାମଗ୍ରୀର ଭାଉଚର ଗ୍ରହଣ ନ କରିବାକୁ କହିନାହିଁ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ତଳଗଲୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାର୍ଯ୍ୟକୁ ପଞ୍ଚାୟତ ଯନ୍ତ୍ରୀ ପ୍ରସନ୍ନ ଗରଡ଼ା ଦୀର୍ଘ ଦିନ ଧରି ବିଲ୍ କରୁନାହାନ୍ତି। ଏନେଇ ବ୍ଲକ ପ୍ରଶାସନ କୌଣସି ହସ୍ତକ୍ଷେପ କରୁନାହିଁ। ଶେଷରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଜିଲାପାଳଙ୍କୁ ଜଣାଇଛନ୍ତି ।

# ଅନୁଧ୍ୟାନ କଲେ ବିଭିନ୍ନ ପ୍ରକଳ୍ପ

**ରାଜ୍ୟ ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ନିର୍ଦ୍ଦେଶକଙ୍କ ଗସ୍ତ**

କୋରାପୁଟ,୯।୨(ସ୍ୱ.ପ୍ର.)

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ପଣ୍ଡା ଗୁରୁବାର ଦୁଇଦିନିଆ କୋରାପୁଟ ଜିଲା ଗସ୍ତରେ ଆସି ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡିକର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ସେ କୋରାପୁଟ ବ୍ଲକର ପରଜାପୁକି ଗ୍ରାମରେ ହୋଇଥିବା କଫି ପ୍ଲାଣ୍ଟେସନ ଅଞ୍ଚଳ ପରିଦର୍ଶନ କରି ସେଠାର ଥିବା ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଜୟପୁର ବ୍ଲକର ଡଙ୍ଗରା ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ସିଞ୍ଚନ ଯୋଜନାରେ ଚାଲିଥିବା ଅମୃତ ସରବୋର କାର୍ଯ୍ୟ ପରଖିଥିଲେ। ସେଠାର ସରପଞ୍ଚ ଓ ଅନ୍ୟ ଜନପ୍ରତିନିଧି ଏବଂ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ପଣ୍ଡା ନବରଙ୍ଗପୁର ଜିଲା ଗସ୍ତ କରି ଜିଲାର ମହେନ୍ଦ୍ରି ଗ୍ରାମରେ ଚାଷୀଙ୍କ ମିଶ୍ରିତ କୃଷି ଫାର୍ମ ପରିଦର୍ଶନ କରି ଆଡିବନ୍ଧ ଓ ମୋ ପୋଖରୀ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପରେ ସେଠାରେ ସେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ନିର୍ଦ୍ଦେଶକ ପଣ୍ଡାଙ୍କ ସହିତ କୋରାପୁଟ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ନବରଙ୍ଗପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାସ, କୋରାପୁଟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ସୁମନ ରାଉତଙ୍କ ସହ ଉଭୟ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

